



## ଜାଭିଅର୍ସ ପ୍ଲେ ସ୍କୁଲ୍‌ର ବାର୍ଷିକ ଉତ୍ସବ



**କଟକ, ୭।୨(ସମିସ):** କଟକ ଆଲମଚନ୍ଦ ବଜାରସ୍ଥିତ ଜାଭିଅର୍ସ ପ୍ଲେ ସ୍କୁଲ୍‌ର ୮ମ ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କୁନି କୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ସ୍କୁଲ୍‌ର ପ୍ରଧାନଶିକ୍ଷିକା ଅନସୁୟା ଆଚାର୍ଯ୍ୟଙ୍କ ନିରନ୍ତର ପ୍ରୟାସକୁ ବିଧାୟିକା ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ଶିକ୍ଷା ମୈତ୍ରୀ ସଂଗଠନର ନିର୍ଦ୍ଦେଶକ ନରେନ୍ଦ୍ର କୁମାର ଦାସ ଏବଂ ଭାରତୀୟ ସେନାର କର୍ଣ୍ଣେଲ୍ ରାଜୀବ ନନ୍ଦ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସ୍କୁଲ୍‌ର ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ, ସଙ୍ଗୀତ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ଏହି ସମଗ୍ର କାର୍ଯ୍ୟକ୍ରମକୁ ଦିଶା ଆଚାର୍ଯ୍ୟ ଓ ଲିପ୍ସା ଆଚାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିଥିଲେ। ସ୍କୁଲ୍‌ର ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ଏବଂ ମୋନାଲିସା ସିଂ କାର୍ଯ୍ୟକ୍ରମ ସମ୍ପାଦନରେ ସକ୍ରିୟ ସହାୟତା କରିଥିଲେ। ଉତ୍ସବରେ ବହୁ ସଂଖ୍ୟାରେ ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଶିଶୁମାନଙ୍କର ଏହି କଳା ନୈପୁଣ୍ୟକୁ ଉପଭୋଗ କରିଥିଲେ।

# ବନ୍ଦ ହୋଇଗଲା ୨ଟି ଥାନା ସ୍ଥାନାନ୍ତରଣ ପ୍ରକ୍ରିୟା

**କଟକ, ୭।୨(ସମିସ)**

କମିସନରେଟ୍ ପୁଲିସ ପକ୍ଷରୁ ଦୀର୍ଘ ବର୍ଷ ହେବ ୨ଟି ଥାନା ନିର୍ମାଣ କରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିନାହିଁ ଏବଂ ଆଗକୁ ମଧ୍ୟ ଅନିଶ୍ଚିତତା ରହିଛି। ସ୍ୱଳ୍ପ ଜମିରେ ଫାଣ୍ଡିରୁ ରୂପାନ୍ତରିତ ହୋଇଥିବା ବାଦାମବାଡ଼ି ଥାନା ପାଇଁ ନୂତନ ଥାନା ନିର୍ମାଣ ଜରୁରୀ ହୋଇପଡ଼ିଥିବା ବେଳେ ମାଲଗୋଦାମ ଥାନା ପାଇଁ ନୂତନ ଥାନା ନିର୍ମାଣର ଆବଶ୍ୟକତା ରହିଥିଲା। ଆବଶ୍ୟକ ପଦକ୍ଷେପ ନନିଆଯିବାରୁ ଏବେ ୨ଟି ଥାନାର ସ୍ଥାନାନ୍ତରଣ ପ୍ରକ୍ରିୟା ବନ୍ଦ ହେବାକୁ ବସିଛି। ଡିସିପିଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାଦାମବାଡ଼ି ଥାନା ନିର୍ମାଣ ହେବାକୁ ଥିବା ଜମିକୁ ଓଏସ୍‌ଆର୍‌ଟିସି(ରାଜ୍ୟ ସଡ଼କ ପରିବହନ ନିଗମ) ଦେବାକୁ ଚାହୁଁନାହିଁ। ପୂର୍ବରୁ ଓଏସ୍‌ଆର୍‌ଟିସି ଜମି ଦେବାକୁ ସବୁଜ ସଙ୍କେତ ଦେଇଥିବା ବେଳେ ଏବେ ପୁଲିସକୁ କୌଣସି ସହଯୋଗ ଯୋଗାଇ ଦେଉନାହିଁ। ଯାହାଫଳରେ ବାଦାମବାଡ଼ି ନୂତନ ଥାନା ନିର୍ମାଣ ଯୋଜନା ବନ୍ଦ ହୋଇଯାଇଛି। ସେହିପରି ମାଲଗୋଦାମ ଥାନା ନିର୍ମାଣ ନିମନ୍ତେ ଚିହ୍ନଟ ହୋଇଥିବା ଜମିକୁ ପ୍ରଶାସନିକ ଅନୁମତି ନମିଳିବାରୁ ଥାନା ନିର୍ମାଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କମିସନରେଟ୍ ପୁଲିସ ପକ୍ଷରୁ ମାଲଗୋଦାମ ଥାନା ସ୍ଥାନାନ୍ତର କରିବାକୁ ଜମି ଚିହ୍ନଟ ପ୍ରକ୍ରିୟା ବର୍ଷେ ହେବ ଶେଷ ହୋଇଥିଲା। ତାଳଦଣ୍ଡା କେନାଲ୍ ପାର୍ଶ୍ୱ ତଥା ମାଛ ବ୍ୟବସାୟୀ ବସୁଥିବା ସ୍ଥାନରେ ନୂତନ ଥାନା କରା ନ ଯାଇ 'ଆଇ ଲଭ୍ କଟକ' ଲୋଗୋ ସମ୍ମୁଖସ୍ଥ ଫାଙ୍କା ଜମିରେ ନୂତନ ଥାନା ନିର୍ମାଣ କରାଯିବାର ପ୍ରସ୍ତାବ ଥିଲା। ଏଥି ନିମନ୍ତେ ଡିସିପିଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଚିଠି ଲେଖାଯାଇଥିଲା। କେବଳ ସରକାରୀ ଅନୁମୋଦନ ମିଳିବା ପରେ ନୂଆ ଥାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଆନ୍ତା। କିନ୍ତୁ ଏସବୁ ପ୍ରକ୍ରିୟା ଅଧାରେ ଅଟକିଛି। ବାଦାମବାଡି ଥାନା ନିର୍ମାଣ ପାଇଁ ୨୦୧୫ ମସିହାରେ ଗୃହ ବିଭାଗ ପକ୍ଷରୁ ଓଏସ୍‌ଆର୍‌ଟିସିକୁ ବାଦାମବାଡି ବସ୍ ଷ୍ଟାଣ୍ଡ ଭିତରେ ଜମି ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବସ୍ ଷ୍ଟାଣ୍ଡ ଭିତରେ ଜମି ନ ଥିବାରୁ ଏବଂ ବସ୍ ଚଳାଚଳ କରୁଥିବାରୁ ଓଏସ୍‌ଆର୍‌ଟିସି ଏଥିପ୍ରତି ଗୁରୁତ୍ୱ ଦେଇ ନଥିଲା। ଏବେ ନେତାଜୀ ବସ୍ ଟର୍ମିନାଲ୍‌କୁ ପୁରୁଣା ବାଦାମବାଡ଼ି ବସ୍ ଷ୍ଟାଣ୍ଡ ଉଠିଯିବା ପରେ ପର୍ଯ୍ୟାପ୍ତ ଭାବେ ଜମି ଫାଙ୍କା ପଡ଼ିଛି। ଏଣୁ ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷ ଗୃହ ବିଭାଗକୁ ଜମି ହସ୍ତାନ୍ତର କରିବାରେ କୌଣସି ପ୍ରତିବନ୍ଧକ ନାହିଁ। ଏଯାବତ୍ ଜମି ହସ୍ତାନ୍ତର ହୋଇ ପାରୁନାହିଁ। ୮ ମାସ ପୂର୍ବେ ପୁରୁଣା ବସ୍‌ଷ୍ଟାଣ୍ଡର ଷ୍ଟାଟସ୍ ତଥା ଜମିର ପରିସୀମା ଏବଂ ଥାନା ନିର୍ମାଣ ନିମନ୍ତେ କେତେ ଜମିର ଆବଶ୍ୟକତା ରହିଛି, ତାହାର ତଥ୍ୟ ପୁଲିସ ବିଭାଗ ରାଜ୍ୟ ସରକାରଙ୍କୁ ଜଣାଇବାକୁ କୁହାଯାଇଥିଲା। କମିସନରେଟ୍ ପୁଲିସ ପକ୍ଷରୁ ଥାନା ନିର୍ମାଣ ନିମନ୍ତେ ପ୍ରସ୍ତୁତ ହୋଇଥିବା ବ୍ଲୁ ପ୍ରିଣ୍ଟର ତଥ୍ୟ ଅନୁସାରେ, ସର୍ବନିମ୍ନ ୪ହଜାର ୮୦୦ବର୍ଗଫୁଟ୍ ଜମି ଆବଶ୍ୟକ ଏବଂ ୩କୋଟି ୫୦ଲକ୍ଷ ଟଙ୍କାର ନିର୍ମାଣ ବ୍ୟୟବରାଦ କରାଯାଇଥିଲା। ହେଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ଏହି ଯୋଜନାର କାର୍ଯ୍ୟକାରିତା କଣ୍ଟକିତ ହୋଇ ରହିଛି।

ପ୍ରକାଶ ଥାଉ କି, ବାଦାମବାଡି ଟ୍ରାଫିକ୍ ପୋଷ୍ଟ କଡରେ ଏକ ଅଣଓସାରିଆ ବିଲ୍ଡିଂରେ ଏବେ ଚାଲିଛି ବାଦାମବାଡ଼ି ଥାନା। ସ୍ଥାନାଭାବରୁ ଏହି ବିଲ୍ଡିଂରେ କାର୍ଯ୍ୟ କରିବା ସମ୍ଭବପର ହେଉ ନାହିଁ। ଅଭ୍ୟର୍ଥନା ପ୍ରକୋଷ୍ଠକୁ ଗୋଟିଏ ଛୋଟିଆ ଘରେ ଖୋଲିଥିବା ବେଳେ ତଳ ମହଲାରେ ମାତ୍ର ୨ଟି ଘର। ତା' ଭିତରେ ଛୋଟିଆ ହାଜତ। ଉପର ମହଲାରେ ଏକ ଛୋଟିଆ ଘରେ ଆଇଆଇସିଙ୍କ ରୁମ୍ ରହିଛି। ଥାନା ସମ୍ମୁଖରେ ଗୋଟିଏ ଗାଡି ରଖିବାକୁ ବି ଜାଗା ନାହିଁ। ମାଲଖାନା ଓ ଜବତ ଗାଡି ରଖିବାକୁ ଥାନା କର୍ତ୍ତୃପକ୍ଷ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ମାତ୍ର ୩ଟି ଘରେ ସହରର ପ୍ରମୁଖ ଥାନା କାର୍ଯ୍ୟକ୍ଷମ କରାଯାଉଥିବା ବେଳେ ନୂତନ ବିଲ୍ଡିଂ ନିର୍ମାଣ ନେଇ ଅନିଶ୍ଚିତତା ଲାଗି ରହିଛି।

**ମଉଳିଲା ବାଦାମବାଡ଼ି ଥାନା ନିର୍ମାଣ ଆଶା; ଜମି ଛାଡୁନି ଓଏସ୍‌ଆର୍‌ଟିସି**

**ମାଲଗୋଦାମ ଥାନା ନିମନ୍ତେ ଚିହ୍ନଟ ଜମିକୁ ମିଳୁନି ପ୍ରଶାସନିକ ଅନୁମତି**







## ୫୧ତମ ରାଜ୍ୟ ଅବକାରୀ କ୍ରୀଡ଼ା ସମାରୋହ | ଅବକାରୀ ଅଧିକାରୀଙ୍କୁ ବଡି କ୍ୟାମେରା ବଣ୍ଟନ




**କଟକ, ୭।୨(ସମିସ):** କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମଠାରେ ଅବକାରୀ ବିଭାଗର ୫୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦଘାଟନ କରିଛନ୍ତି। ଅବକାରୀ ବିଭାଗର କ୍ଷେତ୍ରସ୍ତରର କାର୍ଯ୍ୟଦକ୍ଷତା ଓ ପ୍ରଯୁକ୍ତିମୂଳକ ସୁଦୃଢତାକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଅବକାରୀ ଜିଲ୍ଲାର ଅଧିକାରୀମାନଙ୍କୁ ୪୮ଟି ବଡି କ୍ୟାମେରା ବଣ୍ଟନ କରିଥିଲେ ମନ୍ତ୍ରୀ। ଆଗାମୀ ଦିନରେ ସମସ୍ତ ଜିଲ୍ଲାର ଅଧିକାରୀଙ୍କୁ ଉକ୍ତ କ୍ୟାମେରା ପ୍ରଦାନ କରାଯିବାର ଯୋଜନା ରହିଛି। ସମ୍ମାନିତ ଅତିଥି ଭାବେ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ଅବକାରୀ ଆୟୁକ୍ତ ପି. ଅନ୍ୱେଷା ରେଡ୍ଡୀ, ପୂର୍ବତନ ଅଲିମ୍ପିକ କ୍ରୀଡ଼ାବିତ ଡ଼. ଅନୁରାଧା ବିଶ୍ୱାଳ ଏବଂ କଳାକାର ତଥା ସମାଜସେବୀ ପିଙ୍କି ପ୍ରଧାନ ଥିଲେ। ଉତ୍ସବରେ ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଡିଏସଇ ଧନେଶ୍ୱର ବରାଦଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ପରେଡ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅବକାରୀ ବିଭାଗର ସଫଳତା ସମ୍ବଳିତ ଏକ ପୁସ୍ତିକା ଏବଂ ନିଶାଦ୍ରବ୍ୟ ଦ୍ରବ୍ୟ ବିରୁଦ୍ଧରେ ଜନସଚେତନତା ବୃଦ୍ଧି ନିମନ୍ତେ ପ୍ରସ୍ତୁତ ଭିଡିଓକୁ ଉନ୍ମୋଚନ କରିଥିଲେ। ଧରପଗଡ଼ କାର୍ଯ୍ୟକଳାପରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ବାଲେଶ୍ୱର, ମୟୂରଭଞ୍ଜ, ଭୁବନେଶ୍ୱର, ଭଦ୍ରକ, ଗଞ୍ଜାମ, ପୁରୀ ଜିଲ୍ଲାମାନଙ୍କୁ ଏବଂ ସମ୍ବଲପୁରକୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡା ଉତ୍ସବରେ ଓଡ଼ିଶାର ସମସ୍ତ ୩୩ଟି ଅବକାରୀ ଜିଲ୍ଲା ଓ ୪ଟି ଅବକାରୀ ଗୁଇନ୍ଦା ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି। ସର୍ବମୋଟ ୧୬ଟି ବିଭାଗରେ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ଏବଂ ୧୧ଟି ବିଭାଗରେ ୧୮୧ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି ଦୌଡ଼, ୪୦୦ମି ଦୌଡ଼, ୮୦୦ ମି ଦୌଡ଼, ୧୫୦୦ ମି ଦୌଡ଼, ୩୦୦୦ ମି ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡ଼ିଆଁ, ଟ୍ରିପଲ ଜମ୍ପ, ସଟପୁଟ ଥ୍ରୋ, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ଭଲିବଲ୍, ବ୍ୟାଡମିଣ୍ଟନ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି।

## ନ୍ୟାୟିକ ଅଧିକାରୀଙ୍କ ପାଇଁ ଏକଦିବସୀୟ ମଧ୍ୟସ୍ଥତା ପ୍ରଶିକ୍ଷଣ

**କଟକ, ୭।୨(ସମିସ):** ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ନ୍ୟାୟିକ ଅଧିକାରୀମାନଙ୍କ ପାଇଁ ଏକଦିବସୀୟ ମଧ୍ୟସ୍ଥତା ପ୍ରଶିକ୍ଷଣ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ସର୍ବୋଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା ଓ ସମନ୍ୱୟ ପ୍ରକଳ୍ପ କମିଟିର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରଟି କଟକସ୍ଥିତ ଜୁଡିସିଆଲ ଏକାଡେମୀ ସମେତ ଗଞ୍ଜାମ ଏବଂ ସମ୍ବଲପୁରର ଆଞ୍ଚଳିକ ନ୍ୟାୟିକ ଏକାଡେମୀରେ ପରିଚାଳିତ ହୋଇଥିଲା। ନ୍ୟାୟପାଳିକା ବ୍ୟବସ୍ଥାରେ ମଧ୍ୟସ୍ଥତା ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଏବଂ ସାଧାରଣ ଜନତାଙ୍କୁ ଦ୍ରୁତ ନ୍ୟାୟ ପ୍ରଦାନ କରିବା ଏହି ଶିବିରର ମୂଳ ଲକ୍ଷ୍ୟ ବୋଲି କୁହାଯାଇଥିଲା। ସେଥିପାଇଁ ନ୍ୟାୟିକ ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ପ୍ରଶିକ୍ଷକ ବ୍ରଜେଶ ଗୁରୁନାନୀ (ନୂଆଦିଲ୍ଲୀ), ବି.ପି. ଅର୍ଜୁନ ଏବଂ ପି.ଜି. ସୁରେଶ (କେରଳ) ନ୍ୟାୟିକ ଅଧିକାରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ, ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

## ରେଭେନ୍ସାରେ ବଜେଟ୍ ସମ୍ପର୍କିତ ଆଲୋଚନାଚକ୍ର



**କଟକ, ୭।୨(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାଜବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ବଜେଟ୍ ୨୦୨୬-୨୭ ବିସ୍ତୃତ ବିଶ୍ଳେଷଣ ସମସ୍ୟା ଓ ଆହ୍ୱାନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅର୍ଥଶାସ୍ତ୍ରୀ ଡ. ଆଶିଷ କୁମାର ସେନାପତି ମୁଖ୍ୟବକ୍ତା ଭାବେ ଚଳିତ ବଜେଟ୍‌ର ବିଭିନ୍ନ ଦିଗ, ଆର୍ଥିକ ପ୍ରଭାବ ଏବଂ ଏହାର ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ। ୨୦୨୬-୨୭ ବଜେଟ୍ ଭାରତର ଅର୍ଥନୀତି, ରାଜନୀତି ଏବଂ ଦେଶର ବିକାଶ କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ ନିଜ ବକ୍ତବ୍ୟରେ ମତ ରଖିଥିଲେ। ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବଜେଟ୍‌ର ବିଭିନ୍ନ ସାମାଜିକ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗର ଅଧ୍ୟାପକ ଡ. ଈଶ୍ୱର ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ମନସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ମନୋରଞ୍ଜନ ଦାସ, ଜେମ୍ସ କିଣ୍ଡୋ ଏବଂ ଚିନ୍ମୟୀ ମହଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭାଗର ବହୁ ଛାତ୍ରଛାତ୍ରୀ, ଗବେଷକ ଓ ଗବେଷିକା ଅଂଶଗ୍ରହଣ କରିଥିଲେ।

## ଫେବୃଆରୀ ୧୨ରେ ଦେଶବ୍ୟାପୀ ହରତାଳ

**କଟକ, ୭।୨(ସମିସ):** କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଏବଂ ନୂତନ ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ଆସନ୍ତା ୧୨ ଫେବୃଆରୀ ୨୦୨୬ରେ ଦେଶବ୍ୟାପି ସାଧାରଣ ହରତାଳ ପାଇଁ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଜାତୀୟ ସମନ୍ୱୟ ସମିତି ପେନ୍ସନର୍ସ ଆସୋସିଏସନ ଏବଂ ଅଖିଳ ଭାରତ ଡାକ ଓ ରେଳ ଡାକ ସେବା ପେନ୍ସନର୍ସ ଆସୋସିଏସନ ପକ୍ଷରୁ ଏହି ଧର୍ମଘଟକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରାଯିବା ସହ ସମସ୍ତ ସଂଲଗ୍ନ ସଂଗଠନକୁ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକ ସମେତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ, ଜାତୀୟ ଡାକ ବିଭାଗ କର୍ମଚାରୀ ଫେଡେରେସନ ଏବଂ ଆଇଏନଟିୟୁସି ସମର୍ଥିତ ସଂଘଗୁଡ଼ିକ ଏଥିରେ ସାମିଲ ହେଉଛନ୍ତି। ଓଡ଼ିଶାରେ ମଧ୍ୟ ଏହି ହରତାଳର ପ୍ରଭାବ ଦେଖିବାକୁ ମିଳିବ ଏବଂ ଏଥିପାଇଁ ମୁଖ୍ୟ ମହାଡାକପାଳଙ୍କୁ ଆନୁଷ୍ଠାନିକ ଭାବେ ନୋଟିସ ପ୍ରଦାନ କରାସାରିଛି। ଏଆଇପିଆରଏର ରାଜ୍ୟ ସଚିବ ତଥା ଏନସିସିପିଏ ଓଡ଼ିଶାର ସଂଯୋଜକ ରବୀନ୍ଦ୍ରନାଥ ଧଳ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ଯେ, ସରକାର ନିଓ-ଲିବରାଲ ନୀତି ଓ ଶ୍ରମିକ ବିରୋଧୀ ପଦକ୍ଷେପ ଫେରସ୍ତ ନ ନେବା ପର୍ଯ୍ୟନ୍ତ ଏହି ସଂଘର୍ଷ ଜାରି ରହିବ। ଫେବୃଆରୀ ୧୨ ତାରିଖରେ ଏନସିସିପିଏ ଏବଂ ଏଆଇପିଆରପିଏର କର୍ମକର୍ତ୍ତାମାନେ ବିଭିନ୍ନ କେନ୍ଦ୍ର ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରି ହରତାଳକୁ ସଫଳ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

**ସହଯୋଗ ପାଇଁ ପେନ୍ସନର୍ସ ଆସୋସିଏସନର ନିବେଦନ**

## ଖ୍ରୀଷ୍ଟ କଲେଜ ବାଣିଜ୍ୟ ବିଭାଗର ବାର୍ଷିକ ପାଠଚକ୍ର

**କଟକ, ୭।୨(ସମିସ):** ଖ୍ରୀଷ୍ଟ କଲେଜର ବାଣିଜ୍ୟ ବିଭାଗ ପକ୍ଷରୁ ବଜେଟ୍ ପରବର୍ତ୍ତୀ ବିତୀୟ କ୍ଷେତ୍ରର ପରିଦୃଶ୍ୟ ସମ୍ପର୍କରେ ବିଶ୍ଳେଷଣ ଶୀର୍ଷକ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ମଧୁମିତା ପାତ୍ର ପାଠଚକ୍ରକୁ ସଭାପତିତ୍ୱ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ସୁବ୍ରତ ବଳ ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜାଭିୟର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବୀପ୍ରସାଦ ଶତପଥୀ ବଜେଟ୍-୨୦୨୬ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ବ୍ୟାଙ୍କ, ଶିକ୍ଷା, ମ୍ୟୁଚୁଆଲ୍ ଫଣ୍ଡ ଆଦି ବିତ୍ତୀୟ କ୍ଷେତ୍ର ସହ ସାଧାରଣ ଜନଜୀବନ ପାଇଁ ଏହା କେତେ ଉପଯୋଗିତା ଉପରେ ସମସ୍ତେ ସଚେତନ ହେବା ପାଇଁ ଆହ୍ୱାନ କରିଥିଲେ। ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର ଓ ସମ୍ପାଦକ ଶୁଭାଶିଷ ସାହୁ ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଜୀବନ ଝୁନ୍‌ଝୁନ୍‌ୱାଲା ବାର୍ଷିକ ବିବରଣୀ ପାଠ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଡ. ମଙ୍ଗରାଜ ପାତ୍ର। ପରିଚାଳନା କରିଥିଲେ ଡ. ସଞ୍ଜୁ ଶର୍ମା ଓ ଅଧ୍ୟାପକ ଶିବାନନ୍ଦ ମହାନ୍ତି। କଲେଜର ଅଧ୍ୟାପକ ଅଧ୍ୟାପିକା ଓ ବିଦ୍ୟାର୍ଥୀ ପାଠଚକ୍ରରେ ଅଂଶଗ୍ରହଣ କରିଥିଲେ।




# ସରୁନି ସର୍ଭେ, ଅସୁରକ୍ଷିତ କୋଠା ଭଙ୍ଗାଯିବା କାର୍ଯ୍ୟ ମନ୍ଥର

**କଟକ, ୭।୨(ସମିସ)**

କଟକ ସହରରେ ବିପଦସଂକୁଳ ଅବସ୍ଥାରେ ଥିବା କୋଠାଗୁଡିକ ଭାଙ୍ଗିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହି ସବୁ କୋଠାକୁ ଭାଙ୍ଗିବା କାର୍ଯ୍ୟ ଏବେ ମନ୍ଥର ଗତିରେ ଚାଲିଛି। ଚିହ୍ନଟ କୋଠାଗୁଡିକୁ ଭାଙ୍ଗିବା ପାଇଁ ଆବଶ୍ୟକ ସର୍ଭେ କାର୍ଯ୍ୟ ସରୁ ନଥିବା ବେଳେ ଏହି ଭାଙ୍ଗିବା କାମ ପଛାଇଛି। ଅଦାଲତଙ୍କ ନିର୍ଦ୍ଦେଶ ପରେ ମାତ୍ର ହାତଗଣତି କେତେକ ଛୋଟ କୋଠା ଭଙ୍ଗାଯାଇପାରିଛି। ମିଳିଥିବା ସୂଚନାନୁସାରେ, ଚିହ୍ନଟ ହୋଇଥିବା ୨୨୧ଟି କୋଠା ମଧ୍ୟରୁ ୨୧୯ଟି ସରକାରୀ କୋଠା ହୋଇଥିବା ବେଳେ ୨ଟି ଘରୋଇ କୋଠା। କୋଠାଗୁଡିକୁ ଭାଙ୍ଗିବା ପାଇଁ ଯେଉଁ ବିଭାଗର କୋଠା ସମ୍ପୃକ୍ତ ବିଭାଗକୁ କୋଠା ଖାଲି କରିବାକୁ ପର୍ଯ୍ୟାୟ କ୍ରମେ କୁହାଯାଉଛି। ଏଥିସହ ଉଚ୍ଛେଦ ପାଇଁ ଆବଶ୍ୟକ ବ୍ୟୟଅଟକଳ ମଞ୍ଜୁରୀ ହେବା ପରେ କୋଠା ଭଙ୍ଗାଯାଉଥିବା କହିଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ।

ପ୍ରକାଶଥାଉକି, ଦୀର୍ଘ ବର୍ଷ ଧରି ମାଳମାଳ ପୁରୁଣା କୋଠା ବିପଦସଂକୁଳ ଅବସ୍ଥାରେ ରହିଛି। ଏହି କୋଠାଗୁଡିକର ଚିହ୍ନଟ ପ୍ରକ୍ରିୟା ଦୀର୍ଘ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏଗୁଡିକୁ ଭାଙ୍ଗିବା ପାଇଁ ଦ୍ରୁତ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। କଟକ ମହାନଗର ନିଗମ ଅଞ୍ଚଳରେ ୱାର୍ଡୱାରୀ ବିପଦସଂକୁଳ କୋଠା ସର୍ଭେ ପାଇଁ ପ୍ରଶାସନିକ ସ୍ତରରେ କମିଟି ଗଠନ କରାଯାଇଛି। ଏହି କମିଟିର ସଦସ୍ୟ ମାନେ ମଧ୍ୟ ସର୍ଭେ କାର୍ଯ୍ୟ ଜାରି ରଖିଥିଲେ ସୁଦ୍ଧା ଚୂଡାନ୍ତ ହୋଇପାରିନି। ପ୍ରଥମେ ଚିହ୍ନଟ ହୋଇଥିବା କୋଠା ଯାଞ୍ଚ କରାଯିବା ପରେ ନୋଟିସ ପ୍ରଦାନ କରାଯିବ ଓ ପରେ ଏହାକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଉଛି।

ଗତ ୨୦୨୫ ନଭେମ୍ବର ୮ ତାରିଖରେ କଟକ ବକ୍ସିବଜାର ହାଡିବନ୍ଧୁସାହୁଛକ ନିକଟରେ ଏକ ଆପାର୍ଟମେଣ୍ଟ ବାଲକୋନି ଭୁଶୁଡି ୩ଜଣଙ୍କ ମୃତ୍ୟୁ ଭଳି ଅଭାବନୀୟ ଘଟଣା ଘଟିଥିବା ନଜିର ରହିଛି। ଏହାପରେ ପ୍ରଶାସନ ସାମାନ୍ୟ ତତ୍ପର ହୋଇଛି। ନିକଟରେ ମଧ୍ୟ ବିପଦସଂକୁଳ କୋଠା ପ୍ରସଂଗରେ ଜିଲ୍ଲା ପ୍ରଶାସନକୁ ହାଇକୋର୍ଟ ତାଗିଦ କରିଥିବାର ନଜିର ରହିଛି। ଏପରିକି ସେହି ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ସହରରେ ମୋଟ ୨୨୧ଟି କୋଠା ଅସୁରକ୍ଷିତ ଥିବା ଦର୍ଶାଯାଇଥିଲା। ସର୍ବାଧିକ ବିପଦସଂକୁଳ କୋଠା ଚୌ÷ଧୁରୀବଜାର, ନିମସାହି, ବାଖରାବାଦ, ମଙ୍ଗଳାବାଗ, ନିମଚଉଡି ଓ ସୂତାହାଟ ଅଞ୍ଚଳରେ ରହିଛି। ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ, ମିସନ ସ୍କୁଲ, ବାଦାମବାଡି ସେସୁ କଲୋନୀ, ଯୋବ୍ରା ମ୍ୟୁନସିପାଲ କଲୋନୀ ଓ ପାରେଶ୍ୱରସାହି ରେଳବାଇ କଲୋନୀ ଆଦି ରହିଛି। ଯାହା ବିପଦସଂକୁଳ ବୋଲି ଘୋଷଣା ହୋଇଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ବର୍ଷ ବର୍ଷ ଏହି କୋଠା ସବୁ ଭଙ୍ଗାଯିବା ସମ୍ଭବ ହୋଇପାରିନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ତରଫରୁ ବିଏନଏସ ଧାରା ୧୫୨ରେ କେବଳ ନୋଟିସ ଜାରି ହୋଇଛି। ବିଭିନ୍ନ ଅଞ୍ଚଳରେ ରହିଥିବା ବିପଦସଂକୁଳ କୋଠା ମଧ୍ୟରେ ସରକାରୀ କ୍ୱାର୍ଟର, ଅଫିସ, ଅବ୍ୟବହୃତ ଗୋଦାମ ଘର, ଘରୋଇ କୋଠା, ମାର୍କେଟ କମ୍ପ୍ଲେକ୍ସ ଆଦି ରହିଛି।

**ତାଲିକାରେ ରହିଛି ୨୨୧ କୋଠା**




## ହସ୍ତତନ୍ତ ଓ ଝୋଟ ମାର୍କ ଉପରେ କର୍ମଶାଳା




**କଟକ, ୭।୨(ସମିସ):** ହସ୍ତତନ୍ତ ଏବଂ ଝୋଟ ମାର୍କ ବା (ହାଣ୍ଡଲୁମ ଏଣ୍ଡ ଜ୍ୟୁଟ୍ ମାର୍କ) ଉପରେ ଏକ ସ୍ୱତନ୍ତ୍ର ସଚେତନତା କର୍ମଶାଳା ଆଜି ତଳ ବାଲିଯାତ୍ରା ପଡ଼ିଆରେ ଚାଲିଥିବା ସ୍ୱଦେଶୀ ମେଳା ୨୦୨୬ରେ ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କ ବୟନ ଶିଳ୍ପ ବିଭାଗ ସହ ମିଳିତ ଭାବରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ତତ୍ତ୍ୱାବଧାନରେ ଓରମାସ ଦ୍ୱାରା ଅନୁଷ୍ଠିତ ଏହି କର୍ମଶାଳାରେ ସ୍ୱଦେଶୀ ଅର୍ଥନୀତି ପାଇଁ ହସ୍ତତନ୍ତ ଓ ଝୋଟର ମାର୍କ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ସ୍ୱଙ୍ଗ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଏଫପିଓ, କାରିଗର ଏବଂ ଉଦ୍ୟୋଗୀମାନଙ୍କୁ ଉତ୍ପାଦର ପ୍ରାମାଣିକତା, ଗୁଣବତା ସୁନିଶ୍ଚିତ କରିବା ଏବଂ ଉତ୍ତମ ବଜାର ଚିହ୍ନଟ କରିବାର ହସ୍ତତନ୍ତ ମାର୍କ ଓ ଝୋଟ ମାର୍କର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା। ବୟନଶିଳ୍ପ ବିଭାଗର ବିଶେଷଜ୍ଞମାନେ ପଞ୍ଜିକରଣ ପ୍ରକ୍ରିୟା, ପ୍ରମାଣପତ୍ରର ଲାଭ ଏବଂ ଗ୍ରାହକଙ୍କ ବିଶ୍ୱାସ ବୃଦ୍ଧି କରିବା ସହିତ ଏହି ମାର୍କଗୁଡ଼ିକ ପାରମ୍ପରିକ କାରିଗରମାନଙ୍କୁ ସୁରକ୍ଷା ଦେବାରେ କିପରି ସାହାଯ୍ୟ କରିଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପଦକ୍ଷେପ ସ୍ୱଦେଶୀ ଶିଳ୍ପକୁ ସୁଦୃଢ଼ କରିବା, ପ୍ରକୃତ ହସ୍ତତନ୍ତ ଏବଂ ଝୋଟ ଉତ୍ପାଦକୁ ପ୍ରୋତ୍ସାହିତ କରିବା ଏବଂ ସଚେତନତା ଓ କ୍ଷମତା ନିର୍ମାଣ ମାଧ୍ୟମରେ ତୃଣମୂଳସ୍ତରର ଉତ୍ପାଦକଙ୍କୁ ସଶକ୍ତ କରିବା ଦିଗରେ ଓରମାସର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ନକଲି ଡାକ୍ତର ମାମଲା

# ପୁଲିସ ତଦନ୍ତ ରିପୋର୍ଟ ମାଗିଲେ ହାଇକୋର୍ଟ

ନିଶ୍ଚିନ୍ତକୋଇଲି, ୭।୨(ସମିସ): ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରରେ ଜଣେ ନକଲି ଡାକ୍ତର ଦୀର୍ଘଦିନ ଧରି ରୋଗୀ ସେବା ନାଁରେ ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଗତ ୨୦୨୫ ଅଗଷ୍ଟ ୨୭ ତାରିଖରେ ନିଶ୍ଚିନ୍ତକୋଇଲି ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗ ଅନୁସାରେ, ସ୍ଥାନୀୟ "ଟୁକୁନା ମେଡିସିନ ଷ୍ଟୋର' ପରିସରରେ ଜଣେ ବ୍ୟକ୍ତି ନିଜକୁ ଡାକ୍ତର ପରିଚୟ ଦେଇ ରୋଗୀ ଦେଖୁଥିଲେ। ଏହି ମାମଲାରେ ସମ୍ପୃକ୍ତ ଥିବା ମେଡିସିନ ଷ୍ଟୋରର ମାଲିକ ପ୍ରଫୁଲ୍ଲ ସାହୁ ଏବଂ ତାଙ୍କ ପୁଅ ପ୍ରଦୀପ୍ତ ସାହୁ ୨୦୨୫ ସେପ୍ଟେମ୍ବର ୨ ତାରିଖରେ ସ୍ଥାନୀୟ ଜେଏମ୍ଏଫ୍ସି କୋର୍ଟରେ ଆତ୍ମସମର୍ପଣ କରି ଜାମିନ ପାଇଥିଲେ। ମାତ୍ର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନକଲି ଡାକ୍ତର ଏ.କେ. ଜୟସିଂଙ୍କ ବିରୋଧରେ ପୁଲିସ ପ୍ରଶାସନର ନିଷ୍କ୍ରିୟତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାମଲା ରୁଜୁ ହେବାର ଦୀର୍ଘ ୪ ମାସ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ନକଲି ଡାକ୍ତରଙ୍କ ଶିକ୍ଷାଗତ ପ୍ରମାଣପତ୍ର କିମ୍ବା ପଞ୍ଜିକୃତ ନମ୍ବର ସଂଗ୍ରହ କରିବାରେ ପୁଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପୁଲିସର ଏହି ଶିଥିଳ ତଦନ୍ତ ପ୍ରକ୍ରିୟା ଯୋଗୁଁ ଅଭିଯୋଗକାରୀ ଅସିତ୍ ସାମଲ ଶେଷରେ ନ୍ୟାୟ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରୀଙ୍କ ପକ୍ଷରୁ ଦାୟର ହୋଇଥିବା ପିଟିସନର ଶୁଣାଣି କରି ମାନ୍ୟବର ବିଚାରପତି ସାବିତ୍ରୀ

**୪ ମାସହେଲା ପୁଲିସ ନିରବ ଥିଲା**

**ଫେବୃଆରୀ ୧୮ ସୁଦ୍ଧା ରିପୋର୍ଟ ତଲବ**

ରାଠୋ ପୁଲିସର କାର୍ଯ୍ୟକଳାପ ଉପରେ କଡ଼ା ସମାଲୋଚନା କରିଛନ୍ତି। ଅଦାଲତରେ ଦାଖଲ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି ଯେ ହାଇକୋର୍ଟରେ ମାମଲା ପହଞ୍ଚିବା ପରେ ପୁଲିସ ନିଦରୁ ଶୋଇ ଉଠିଛି ଏବଂ ମାମଲାକୁ ଚାପିବା ପାଇଁ ହୋଇଥିବା ପ୍ରୟାସ ଏବେ ପଦାରେ ପଡ଼ିଛି। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ନିଶ୍ଚିନ୍ତକୋଇଲି ଆଇଆଇସି ତରବରିଆ ଭାବେ ଗତ ଜାନୁଆରୀ ୨ ତାରିଖରେ କଟକ ସିଡିଏମଓଙ୍କୁ ଏକ ପତ୍ର ଲେଖି ଡାକ୍ତରଙ୍କ ସମ୍ପର୍କରେ ତଥ୍ୟ ମାଗିଛନ୍ତି। ପୁଲିସର ଏହି ବିଳମ୍ବିତ ଆଭିମୁଖ୍ୟକୁ ନେଇ ଅଦାଲତ କ୍ଷୋଭ ପ୍ରକାଶ କରିବା ସହ ଏହା ଜନସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ବୋଲି ଅଭିହିତ କରିଛନ୍ତି। ପୁଲିସର ଅବହେଳା ଯୋଗୁଁ ଅଭିଯୁକ୍ତମାନେ ସୁଯୋଗ ପାଉଛନ୍ତି ଏବଂ ରୋଗୀମାନଙ୍କ ଜୀବନ ସଙ୍କଟାପନ୍ନ ହେଉଛି ବୋଲି ବିଚାରପତି ମତ ରଖିଛନ୍ତି। ବିଗତ ୪ ମାସ ମଧ୍ୟରେ ତଦନ୍ତର ଅଗ୍ରଗତି କ'ଣ ହୋଇଛି ଏବଂ କାହିଁକି କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନାହିଁ, ସେନେଇ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ନିଶ୍ଚିନ୍ତକୋଇଲି ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଫେବୃଆରୀ ୧୮ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। କୋର୍ଟଙ୍କ କଡ଼ା ନିର୍ଦ୍ଦେଶ ଅନୁସାରେ, ପୁଲିସକୁ ଉକ୍ତ ତାରିଖ ପୂର୍ବରୁ ସମସ୍ତ ତଦନ୍ତ ରିପୋର୍ଟ ଏବଂ ସଂଗୃହୀତ ତଥ୍ୟ ଉପସ୍ଥାପନ କରିବାକୁ ପଡ଼ିବ। ଅଭିଯୋଗକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ସିଂ ମାମଲା ପରିଚାଳନା କରୁଥିବା ବେଳେ, ହାଇକୋର୍ଟଙ୍କ ଏହି କଠୋର ଆଭିମୁଖ୍ୟ ପରେ ସ୍ଥାନୀୟ ପୁଲିସ ପ୍ରଶାସନ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏହି ଘଟଣା ଏବେ ସମଗ୍ର ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ଏବଂ ସାଧାରଣ ଲୋକେ ଏବେ ନ୍ୟାୟପାଳିକା ଉପରେ ଆଶା ରଖିଛନ୍ତି।

## ପ୍ରସ୍ତାବିତ ୱାର୍ଡ ଗଠନକୁ ନେଇ ଅସନ୍ତୋଷ

ସାଲେପୁର, ୭।୨(ସମିସ): ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ନୂତନ ଏନ୍ଏସି ଗୁଡିକର ୱାର୍ଡ ଗଠନ କାର୍ଯ୍ୟକ୍ରମ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ତେବେ, ପ୍ରସ୍ତାବିତ ୱାର୍ଡ ଗଠନରେ ବିଭ୍ରାଟ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସାଲେପୁରର ୩ଟି ପଞ୍ଚାୟତକୁ ନେଇ ସାଲେପୁର ଏନ୍ଏସି ଘୋଷଣା କରାଯାଇଛି। ପ୍ରସ୍ତାବିତ ତାଲିକାରେ ପ୍ରଶାସନ ପକ୍ଷରୁ ଯେଉଁ ୱାର୍ଡ ଗଠନ କରାଯାଇଛି, ତାହା ସଠିକ୍ ଭାବେ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଭୌଗଳିକ ସ୍ଥିତି ଅନୁଯାୟୀ ୱାର୍ଡ ଗଠନ କରାଯାଉଥିବା ବେଳେ ଭୋଟରମାନଙ୍କ ସଂଖ୍ୟାକୁ ନେଇ ୱାର୍ଡ ଗଠନ କରାଯାଉନାହିଁ। ଫଳରେ ଗୋଟିଏ ୱାର୍ଡର ଭୋଟର ଅନ୍ୟ ଏକ ୱାର୍ଡରେ ସାମିଲ ହେବା ପାଇଁ ପ୍ରସ୍ତାବ ଦିଆଯାଉଛି। ସରକାର ଭୌଗଳିକ ସ୍ଥିତିରେ ୱାର୍ଡ ଗଠନ ନକରି ଭୋଟର ସଂଖ୍ୟା ଓ ଗ୍ରାମକୁ ନୂତନ ୱାର୍ଡ ଗଠନ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି। ରୋଧପୁର ଗ୍ରାମର କିଛି ଅଂଶକୁ ମାଛୁଆତି ଗ୍ରାମକୁ ୱାର୍ଡ ଗଠନ ପାଇଁ ଦେଇଥିବା ପ୍ରସ୍ତାବରେ ସାମିଲ କରାଯାଇଥିବାବେଳେ ରୋଧପୁର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ରୋଧପୁରର ୩ଟି ୱାର୍ଡକୁ ନେଇ ଗୋଟିଏ ଏନ୍ଏସି ୱାର୍ଡ ଗଠନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଦୁର୍ଘଟଣାରେ ସାମ୍ବାଦିକଙ୍କ ସମେତ ୩ ଆହତ



ସାଲେପୁର, ୭।୨(ସମିସ): ସାଲେପୁର ଥାନା କୁଳିଆ ବଜାର ନିକଟରେ ଶନିବାର ସନ୍ଧ୍ୟାରେ ଏକ ଦ୍ରୁତଗାମୀ କାର୍ ଧକ୍କାରେ ଜଣେ ସାମ୍ବାଦିକଙ୍କ ସମେତ ତିନିଜଣ ଆହତ ହୋଇଛନ୍ତି। ଗୁରୁତର ଆହତ ସାମ୍ବାଦିକ ଅମୀୟ ବିଶ୍ୱାଳଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଶ୍ରୀ ବିଶ୍ୱାଳ ସାଲେପୁରରୁ ନିଜ ଘର କେନ୍ଦୁପାଟଣା ଅଭିମୁଖେ ମୋଟର ସାଇକଲରେ ଫେରୁଥିଲେ। ଏହି ସମୟରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ କାର୍ (ଓଡି ୦୫ ବିଏ ୬୮୨୩) ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ମୋଟର ସାଇକଲଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବା ବେଳେ କାର୍‌ଟି ଅନ୍ୟ ଏକ ମୋଟର ସାଇକଲକୁ ମଧ୍ୟ ଧକ୍କା ଦେଇଥିଲା। ଏଥିରେ ବାବୁଜଙ୍ଗ ଅଞ୍ଚଳର ଦୁଇଜଣ ଆରୋହୀ ଆହତ ହୋଇଛନ୍ତି। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଦ୍ରୁତଗତି ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି ଉଦ୍ୟମ ବିଫଳ



ନରସିଂହପୁର, ୭।୨(ସମିସ): ନରସିଂହପୁର ଥାନା ବାଲିସାହି ପଞ୍ଚାୟତର ନଖପଡା ଗ୍ରାମରେ ଶୁକ୍ରବାର ରାତିରେ ଗ୍ରାମରେ ସ୍ଥାପନ ହୋଇଥିବା ବିପିଏଲ ଟ୍ରାନ୍ସଫର୍ମରକୁ ୩ ଜଣ ଦୁର୍ବୃତ୍ତ ଚୋରି କରିବାକୁ ଉଦ୍ୟମ କରୁଥଲେ। କୁକୁର ଭୁକିବାରୁ ସ୍ଥାନୀୟ ଜନସାଧାରଣ ଘଟଣାସ୍ଥଳରେ ପହଞ୍ଚିଯିବାରୁ ସେମାନଙ୍କ ଉଦ୍ୟମ ବିଫଳ ହୋଇଛି। ତେବେ ସଂପୃକ୍ତ ଘଟଣା ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ରାତି ପ୍ରାୟ ୧୧ଟାରେ ଗ୍ରାମରେ ଏହି ଘଟଣା ଘଟିଥିଲା। ଘଟଣା ସମ୍ପର୍କରେ ବିଦ୍ୟୁତ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଥାନା କର୍ମଚାରୀ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ କରୁଛନ୍ତି।

## ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତଙ୍କୁ ସହାୟତା



ଚୌଦ୍ୱାର, ୭।୨(ସମିସ): ଚୌଦ୍ୱାର ଥାନା ଶାଳଗାଁ ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ହୃଦାନନ୍ଦ ସ୍ୱାଇଁ, ଶ୍ରଦ୍ଧାନନ୍ଦ ସ୍ୱାଇଁ ଓ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ୬ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ୩ଟି ଯାକ ପରିବାର ବିପନ୍ନ ହୋଇଯାଇଛନ୍ତି। ଉକ୍ତ ବିପନ୍ନ ପରିବାରକୁ ଚୌଦ୍ୱାରସ୍ଥିତ ଡାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ସହାୟତା ପ୍ରଦାନ କରାଯାଇଛି। ସଂସଦ ସଭାପତି କେ.ସି.ପ୍ରତାପସିଂହ, ଶୈଳେନ୍ଦ୍ର ମୁଖି, ସହଦେବ ବରାଳ, ପ୍ରଦୀପ ପାଣି ପ୍ରମୁଖ ବିପନ୍ନ ପରିବାର ପାଖର ପହଞ୍ଚି ଶାଢ଼ି, ଲୁଙ୍ଗି, ଗାମୁଛା ସହିତ ଚୁଡ଼ା, ବିସ୍କୁଟ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରଦାନ କରିବା ସହ ପରିବାରର ସଦସ୍ୟ ସଦସ୍ୟାଙ୍କୁ ସମବେଦନା ଜଣାଇଥିଲେ। ଅନୁରୂପଭାବେ ରୋଟାରୀ କ୍ଲବ୍ କଟକ ଅଭିନବ ପକ୍ଷରୁ ବିପନ୍ନଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଇଛି। କ୍ଲବ୍ ସଭାପତି ଜୀବନ ପଟ୍ଟନାୟକ, ଆରସିସି କୁଜୀବରର ସଦସ୍ୟ ଉମେଶଚନ୍ଦ୍ର ସାହାଣୀ, ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ କ୍ଷତିଗ୍ରସ୍ତ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ରୋଷେଇ ଉପକରଣ, ବାସନ କୁସନ, ରାସନ୍ ସାମଗ୍ରୀ, ଖାଦ୍ୟ ସାମଗ୍ରୀ ଆଦି ପ୍ରଦାନ କରିଥିଲେ।

## ପଞ୍ଚାୟତ ଭବନ ନିର୍ମାଣ ଦାବି; ପ୍ରଶାସନକୁ ୭ ଦିନର ମହଲତ

କଣ୍ଟାପଡ଼ା, ୭।୨(ସମିସ): କଣ୍ଟାପଡ଼ା ବ୍ଲକ ବ୍ରାହ୍ମଣବାଟୀ ପଞ୍ଚାୟତରେ ନୂତନ ପଞ୍ଚାୟତ ଭବନ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେବା ପ୍ରତିବାଦରେ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ଗତ ଅକ୍ଟୋବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି ଭବନର ଶିଳାନ୍ୟାସ କରିଥିଲେ ଏବଂ ନିଆଳି ବିଧାୟକଙ୍କ ଉପସ୍ଥିତିରେ ଭୂମି ପୂଜନ ସମ୍ପନ୍ନ ହୋଇଥିଲା। ଶିଳାନ୍ୟାସକୁ ୪ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ସରପଞ୍ଚ ଶ୍ରୀ ରାଉତରାୟ ନିଜେ ଶାସକ ବିଜେପି ଦଳର ହୋଇଥିବା ସତ୍ତ୍ୱେ ପ୍ରଶାସନର ଉପେକ୍ଷାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ସଚିବ, ଜିଲ୍ଲାପାଳ ଏବଂ ପୁଲିସ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଯଦି ଆସନ୍ତା ୭ ଦିନ ମଧ୍ୟରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକରେ, ସେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ଦଳୀୟ ପତାକା ତଳେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି କହିଛନ୍ତି।

## ଗ୍ରାମାଞ୍ଚଳ କ୍ରିକେଟ: ବିନ୍ଧାଣିମା ଚାମ୍ପିଅନ

ତିଗିରିଆ, ୭।୨(ସମିସ): ତିଗିରିଆ ବ୍ଲକ ନୂଆପାଟଣା ଛତ୍ରପତି ଶିବାଜୀ ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତାର ଶନିବାର ଆୟୋଜିତ ଫାଇନାଲରେ ମ୍ୟାଚରେ ଆୟୋଜକ ନୂଆପାଟଣାକୁ ୬ ୱିକେଟରେ ହରାଇ ବିନ୍ଧାଣିମାର ଆରଏସିଏ କ୍ରିକେଟ କ୍ଲବ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳରେ ମୁଖ୍ୟଅତିଥି ଭାବେ ପୂର୍ବତନ ପଞ୍ଚାୟତସମିତି ଅଧ୍ୟକ୍ଷ ତଥା ରାଜ୍ୟ ସେରିଫେଡର ସଭାପତି ଭାଗୀରଥି ନନ୍ଦ, ସମ୍ମାନିତ ଅତିଥି ଭାବେ



ସରପଞ୍ଚ ସୋମନାଥ ଦାସ ଯୋଗ ଦେଇଥିଲେ। ବିନ୍ଧାଣିମା ଦଳର ଖେଳାଳି ମୁସ୍ତାକ ବେଗଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସଞ୍ଜୀବ ଦାସଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଅଜୟ କୁଣ୍ଡୁ ଓ ଧନଞ୍ଜୟ ଭଞ୍ଜ ପରିଚାଳନା କରିଥିଲେ।

## ନେମାଳରେ ଶାସ୍ ମହୋତ୍ସବ | ସମାଜ ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ



ନେମାଳ, ୭।୧(ସମିସ): ନେମାଳ ଶାସ୍ ଅନୁଷ୍ଠାନ ପରିସରରେ ଶାସ୍ ମହୋତ୍ସବ ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଡ. ବିନୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବକୁ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶ୍ୱଶାନ୍ତି ଓ ସଂହତି ନିମନ୍ତେ ଏକ ମଶାଲ ଶୋଭାଯାତ୍ରା ନେମାଳ ଆଇଆଇସି ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ପରିବେଶବିତ ପ୍ରମୋଦ ଦାସ ସଂଯୋଜନା କରିଥିବା ବେଳେ ଅତିଥି ଭାବେ ଚଳଚ୍ଚିତ୍ର ନିର୍ମାତା ବୋମ୍ମାଲି କାନ୍ତା ରାଓ, ଅଭିନେତା ସମ୍ବିତ୍ ସାହୁ, ପ୍ରଯୋଜକ ନବକିଶୋର ଭୋଳ ଏବଂ ଶିକ୍ଷାବିତ୍ ଅନନ୍ତକିଶୋର ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବରେ ଏକ ସଂଗ୍ରହାଳୟ ପ୍ରଦର୍ଶନୀ ମାଧ୍ୟମରେ ପୁରାତନ ସାମଗ୍ରୀଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ରତ୍ନାକର ବାରିକ, ସାହିତ୍ୟିକ ତନ୍ମୟ କିଶୋର ଦାସ, ନୃତ୍ୟଶିଳ୍ପୀ ବନଜା ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଶେଷ ଭାଗରେ ଲୁଣା ଚିତ୍ରୋତ୍ପଳା ସଂଗୀତ ନୃତ୍ୟ ଏକାଡେମୀର କଳାକାରମାନଙ୍କ ଦ୍ୱାରା "ନରସିଂହ ଅବତାର' ଓ "ଦଶ ଅବତାର' ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶରେ ବହୁ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଶିକ୍ଷାବିତ କ୍ଷୀରୋଦ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଶୁଭେନ୍ଦୁ କଟକ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ

ଚୌଦ୍ୱାର, ୭।୨(ସମିସ): ଚୌଦ୍ୱାର ପୌରପାଳିକା ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କୁ କଟକ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ସାମଲ ଦଳର ସୁପ୍ରିମୋ ତଥା ସମସ୍ତ ବରିଷ୍ଠ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଦଳ ପାଇଁ ପୂର୍ବଭଳି କାମ କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଦୀର୍ଘ ବର୍ଷ ଧରି ଶ୍ରୀ ସାମଲ ଦଳରେ ଶୃଙ୍ଖଳିତ ସଦସ୍ୟ ଭାବେ କାମ କରିବା ସହ ବିଭିନ୍ନ ଦାୟିତ୍ୱକୁ ସୁଚାରୁ ଭାବେ ନିର୍ବାହ କରିଛନ୍ତି। ଅଧୁନା ସେ ରାଜ୍ୟ ପୌରପରିଷଦ ମହାସଂଘର ସାଂଗଠନିକ ସମ୍ପାଦକ ତଥା ସଂଯୋଜକ ରହିଛନ୍ତି। ସେହିଭଳି ପୂର୍ବରୁ ଯୋଜନା ବୋର୍ଡର ସଦସ୍ୟ ଦାୟିତ୍ୱରେ ଥିଲେ। ବିଭିନ୍ନ ଜିଲ୍ଲାସ୍ତରୀୟ ତଥା ରାଜ୍ୟସ୍ତରୀୟ କମିଟିରେ ସଦସ୍ୟ ମଧ୍ୟ ଅଛନ୍ତି। ପୁନଶ୍ଚ ଜେଲ ପରିଦର୍ଶକ କମିଟି ସଦସ୍ୟ ଅଛନ୍ତି।



ସେ ପୂର୍ବରୁ ଦଳର ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ସେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ବର୍ତ୍ତମାନର ବିଧାୟକ ସୌଭିକ ବିଶ୍ୱାଳଙ୍କୁ ସେ ଧନ୍ୟବାଦ ଦେଇଛନ୍ତି।

## ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ



ଟାଙ୍ଗୀ, ୭।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ ଟାଙ୍ଗୀଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ସୁରେନ୍ଦ୍ରନାଥ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ବକ୍ତା ସିଦ୍ଧଗିରୀ ଆଶ୍ରମର ମହନ୍ତ ବାବାଜୀ ବିଶ୍ୱନାଥ ଦାସ, ବରେଣ୍ୟ ଅତିଥିଭାବେ ପରିଷଦ ପୃଷ୍ଠପୋଷକ ତଥା ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ବିଶିଷ୍ଟ ଅତିଥି କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଚୌଧୁରୀ ହେମନ୍ତ ସାହୁ, ସମାଜସେବୀ ପ୍ରଫୁଲ୍ଲ ସ୍ୱାଇଁ, ସମ୍ମାନିତ ଅତିଥି ଓଡ଼ିଶା ବରିଷ୍ଠ ନାଗରିକ ପରିଷଦର ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ମିଶ୍ର, ସମାଜସେବୀ ତାପସ ରଞ୍ଜନ ମଲ୍ଲିକ, ଦର୍ଶନ ବିଦ୍ୟାର୍ଥୀ କବିନ୍ଦ୍ର ମହାରାଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ କଟକ ଜିଲ୍ଲା ଯୁଥ୍ ରେଡକ୍ରସ ଆବାହିକା ଡ଼ ସସ୍ମିତା ପଟ୍ଟନାୟକ, ସମାଜସେବା କ୍ଷେତ୍ରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରାଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୫ଜଣଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଯଦୁମଣି ପାଠାଗାର ପକ୍ଷରୁ ବ୍ଲକର ଗରିବ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦର ସମ୍ପାଦକ ବିଜୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ କ୍ଷେତ୍ରବାସୀ ତ୍ରିପାଠୀ ଅତିଥି ପରିଚୟ ଓ ଶ୍ରୀନିବାସ ସାହୁ ମାନପତ୍ର ପଠନ କରିଥିଲେ। ବିଭୂତି ଭୂଷଣ ସାହୁ ଧନ୍ୟବାଦ ଦେଇଥିଲେ। ଦୟାନିଧି ସାହୁ, ଭୀମସେନ ମହାନ୍ତି, ଅଜୟ ସାହୁ, ଅଶୋକ ପୃଷ୍ଟି, ଭାଗ୍ୟଧର ସେଠୀ, ପ୍ରଶାନ୍ତ ପରିଡ଼ା, ଧନେଶ୍ୱର ସାହୁ ଓ ପ୍ରସନ୍ନ ଜେନାଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସଡ଼କ ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, ୭।୨(ସମିସ): କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ମାତକତପୁରଠାରେ ଥିବା ବିବିଏନ୍ ପ୍ଲାଷ୍ଟିକ୍ କାରଖାନା ନିକଟରେ ସଡକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ହୋଇଛି। ସେ ହେଲେ କିଶୋରନଗର ଥାନା ସାଲେପୁର ବ୍ଲକ ରାଧାନଗର ଗ୍ରାମର ଅକ୍ଷୟ ମହାନ୍ତି (୬୫)। ରାସ୍ତା ପାରି ହେଉଥିବା ସମୟରେ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଯାଉଥିବା ଏକ ଟ୍ରକ୍ ତାକୁ ଧକ୍କା ଦେଇଥିଲା। ପରେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଗାଡି ରଖିଦେଇ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ସାଲେପୁର ପୁଲିସ ଜବତ କରିଛି। ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ମୃତଦେହ ରହିଛି।

## ଯୁବକଙ୍କ ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

ସାଲେପୁର, ୭।୨(ସମିସ): ଏକ ବିବାହ କାର୍ଯ୍ୟରୁ ଗତକାଲି ବିଳମ୍ବିତ ରାତିରେ ଫେରୁଥିବାବେଳେ ୨ ଜଣ ଯୁବକ ବଟେଶ୍ୱର ଗ୍ରାମର ବଂଶୀଧର ଦୀକ୍ଷିତଙ୍କୁ ଧକ୍କା ଦେଇ ତାଙ୍କଠାରୁ ଟଙ୍କା ଛଡ଼ାଇ ନେଇଯାଇଥିବା ଜଣାଯାଇଛି। ବଟେଶ୍ୱର ଗ୍ରାମର ବଂଶୀଧର ଦୀକ୍ଷିତ ମାଛୁଆତି ରାସ୍ତା ଦେଇ ଘରକୁ ଫେରୁଥିଲେ। ଏକ ମୋଟର ସାଇକଲରେ ଆସି ତାଙ୍କୁ ଧକ୍କା ଦେଇ ତାଙ୍କ ନିକଟରେ ଥିବା ୨ହଜାର ଟଙ୍କା ଓ ବ୍ୟାଗ୍ ଦୁଇ ଜଣ ଛଡ଼ାଇ ନେଇଥିଲେ। ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ହେଲମେଟ୍ ପିନ୍ଧିଥିବାବେଳେ ଅନ୍ୟ ଜଣେ ମୁହଁରେ ଗାମୁଛା ଗୁଡାଇଥିବା ବଂଶୀଧର ପ୍ରକାଶ କରିଛନ୍ତି। ଏବେ ସାଲେପୁରର ବିଭିନ୍ନ ସ୍ଥାନରେ ବିଳମ୍ବିତ ରାତ୍ରିରେ ଏହିଭଳି ଘଟଣା ଘଟୁଥିବା ଅଭିଯୋଗ ହେଉଛି। ସାଲେପୁର ପୁଲିସ ପକ୍ଷରୁ ରାତ୍ର ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ଦାବି ହୋଇଛି।

## ଓଏମ୍‌ସି ଖଣିରେ ଶ୍ରମିକ ଅଶାନ୍ତି | ବିନା ନୋଟିସରେ ୭ ଶ୍ରମିକଙ୍କୁ ଛଟେଇ

ଟାଙ୍ଗୀ, ୭।୨(ସମିସ): କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ଗୋକଳପୁର

**ବାହାର ଲୋକଙ୍କୁ ନିଯୁକ୍ତି ଅଭିଯୋଗ**

**ନ୍ୟାୟ ନ ମିଳିଲେ ଅନଶନ ଚେତାବନୀ**

ମୌଜାରେ ଓଡ଼ିଶା ଖଣି ନିଗମ (ଓଏମସି) ପକ୍ଷରୁ ଚାଲିଥିବା ଖଣ୍ଡୋଲାଇଟ୍ ପଥର ଖଣିରେ ଶ୍ରମିକ ଅଶାନ୍ତି ଦେଖାଦେଇଛି। କମ୍ପାନୀ ଆରମ୍ଭ ବେଳେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ହୋଇଥିବା ପ୍ରତିଶ୍ରୁତିକୁ ଜଳାଞ୍ଜଳି ଦିଆଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଯୁବକଙ୍କୁ କାର୍ଯ୍ୟରୁ



ବାହାର କରିଦେଇ ବାହାର ଅଞ୍ଚଳର ଲୋକଙ୍କୁ ନିଯୁକ୍ତି ଦିଆଯିବା ଘଟଣାକୁ ନେଇ ଶନିବାର ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗୋବିନ୍ଦପୁର ଓ ଗୋକଳପୁର ମୌଜାର କୃପାସିନ୍ଧୁ ଜେନା, କାହ୍ନା ନାୟକ, ଦୁର୍ଯ୍ୟୋଧନ ସେଠୀ, ଖଗେଶ୍ୱର ଦାସ, ହିତେଶ ଜେନା, ଅଜୁ ପ୍ରଧାନ ଓ ବସନ୍ତ ଜେନା ନାମକ ୭ ଜଣ ଯୁବକ ଗତ ସାଢ଼େ ୩ ବର୍ଷ ହେଲା ଏହି ଖଣିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ଗତ ଜାନୁଆରୀ ୩ ତାରିଖରେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ନୋଟିସ୍ ନ ଦେଇ "କାମ ନାହିଁ' କହି ସେମାନଙ୍କୁ ଛଟେଇ କରିଥିଲେ। ପରେ କାମ ଆରମ୍ଭ ହେଲେ ଡକାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଛଟେଇ ହୋଇଥିବା ଶ୍ରମିକମାନେ କିଛି ଦିନ ଅପେକ୍ଷା କରିବା ପରେ ଚଳିତ ମାସରେ ଦେଖିବାକୁ ପାଇଲେ ଯେ, କମ୍ପାନୀ କର୍ତ୍ତୃପକ୍ଷ ବାହାର ଅଞ୍ଚଳର ଲୋକଙ୍କୁ ଆଣି ପଥର କଟିଂ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାକୁ ନେଇ ଶୁକ୍ରବାର କମ୍ପାନୀ ପରିସରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ଯୁବକମାନେ ଏହାର ପ୍ରତିବାଦ କରିବାରୁ କମ୍ପାନୀର କେତେକ କର୍ମଚାରୀ ସେମାନଙ୍କୁ ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ଉକ୍ତ ୭ ଜଣ ଶ୍ରମିକ ଶନିବାର ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯଦି ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ପୁନଃ ନିଯୁକ୍ତି ନ ମିଳେ, ତେବେ ଆଗାମୀ ଦିନରେ କମ୍ପାନୀ ଫାଟକ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ କରାଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ, ଏହି ସମ୍ପର୍କରେ ଓଏମସି କିମ୍ବା ସମ୍ପୃକ୍ତ କଣ୍ଟ୍ରାକ୍ଟର ସଂସ୍ଥାର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

